# Akashvani, Sambalpur

## SAMBALPURI NEWS BULLETIN

### 19 September 2025 – 6.47- 6.52 pm.

**************************************************

ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜ୍ନା ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜ୍ନାଥି ଗଲା ୧୫ ମାସ୍ ଭିତ୍ରେ ରାଏଜେ ୪ ଶହ ୨୫ ଟା ନୂଆଁ ଆଡ଼ିବନ୍ଧ ତିଆର୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍ସଭା ନ ଗଲାକାଏଲ୍ ଗୁଟେ ପ୍ରଶ୍ନର୍ ଉତର୍ଥି ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ଏବ୍ତକ୍ ୧୨ ଟା ବୃହତ୍ ଡେମ୍, ୪୯ ଟା ମଧ୍ୟମ୍ ଡେମ୍, ୨ ହଜାର୍ ୮ ଶହ ୬୭ ଟା ଛୋଟ୍ ଡେମ୍ କାର୍ଯ୍ୟକ୍ଷମ୍ ହେଉଛେ । ସାରା ରାଏଜେ ଇହାଦେ ଜଲ୍ସେଚନ୍ ବିଭାଗ୍ ଅଧୀନ୍ଥି ୧୬ ହଜାର୍ ୯ ଶହ ୧୯ ଟା ଆଡ଼ିବନ୍ଧ ତିଆର୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସୁନାଖଣି-ମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ସୁନାଖଣିର୍ ସନ୍ଧାନ୍ ମିଲିଛେ ବଲି ଇସ୍ପାତ୍ ଆଉ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ଦେବ୍‌ଗଡ଼୍ ଜିଲ୍ଲାର୍ ଆଡ଼ାଶ ଠାନେ ୧ ହଜାର୍ ୬ ଶହ ୮୫ କେଜି ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୋପୁର ଠାନେ ୩ ଶହ ୧୧ କେଜି ସୁନାପଥର୍ ଥିବାର୍ ଅନୁମାନ୍ କରାଯାଉଛେ । ଦୁହି ଜାଗା ନ ଭାରତୀୟ ଭୂବୈଜ୍ଞାନିକ୍ ସର୍ବେକ୍ଷଣ୍ ସଂସ୍ଥା ତର୍‌ଫୁ ଅନୁସନ୍ଧାନ୍ ଜାରି ରହିଛେ । ଆର୍ଥିକ୍ ଆଉ ଭୂତାତ୍ତ୍ୱିକ୍ ଦୃଷ୍ଟିନୁ ଉପଯୋଗୀ ହେଲେ ସୁନାପଥର୍ ଉତୋଲନ୍ ଲାଗି ନିଲାମ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ବିଜେପି ବିଧାୟକ୍ ଦଲର୍ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବିଜେପି ବିଧାୟକ୍ ଦଲର୍ ବୈଠକ୍ ହେଇଯାଇଛେ । ବିଧାନ୍‌ସଭା ଅଧିବେଶନ୍‌ଥି ରାଜ୍ୟର୍ ସ୍ୱାର୍ଥ ସମ୍ବଳିତ୍ ପ୍ରସଙ୍ଗ ମାନ୍‌କର୍ ଉପ୍‌ରେ ଆଲୋଚନା ହଉ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବୈଠକ୍ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍, ରାଜ୍ୟର୍ ସ୍ୱାର୍ଥ ଲାଗି ଯେନ୍ ଭିଲ୍ ପ୍ରସଙ୍ଗ ବିରୋଧୀ ଦଲ୍‌ମାନେ ଆନ୍‌ବେ ତାର୍ ଉପ୍‌ରେ ଆଲୋଚନା କର୍‌ବାର୍‌କେ ସର୍‌କାର୍ ତୟାର୍ ଅଛନ୍ । ମାତରକ ଅଲ୍‌ଗା

ପ୍ରସଙ୍ଗକେ ଧ୍ୟାନ୍ ଦିଆନାଇଁ ଯାଏ । ବିରୋଧୀ ଦଲ୍‌ମାନେ ଅନାସ୍ଥା ପ୍ରସ୍ତାବ୍ ଗୃହକେ ଆନ୍‌ଲେ ତାର୍ ପ୍ରତୀକାତ୍ମକ୍ ଉତର୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ ।

ରାଜସ୍ୱ ବିଭାଗ୍- କର୍ମଚାରୀ ବଦ୍‌ଲି ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୁଟେ ଜାଗା ନ ୩ ବରସ୍ କାମ୍ କରିଥିବା ରାଜସ୍ୱ ବିଭାଗ୍‌ର କର୍ମଚାରୀମାନ୍‌କୁ ବଦ୍‌ଲି କର୍‌ବାର୍‌କେ ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲାପାଲ୍ କାର୍ଯ୍ୟାଳୟ, ଉପଜିଲ୍ଲାପାଲ୍ କାର୍ଯ୍ୟାଳୟ, ବ୍ଲକ୍ କି ତହସିଲ୍ କାର୍ଯ୍ୟାଳୟ ନ ୩ ବଛର୍ ହେଲା କାମ୍ କରୁଥିବା ରାଜସ୍ୱ ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀ ମାନ୍‌କୁ ତୁର୍‌ତି ବଦ୍‌ଲି କରାଯାଉ ବଲି ଚିଠିଥି ଉଲ୍ଲେଖ୍ କରାଯାଇଛେ । ଇ ବାବ୍‌ଦେ ୧୫ ଦିନ୍ ଭିତ୍‌ରେ ପଦକ୍ଷେପ୍‌ର ରିପୋର୍ଟ ଦେବାର୍‌କେ ଜିଲ୍ଲାପାଲ୍ ମାନ୍‌କୁ କୁହାଯାଇଛେ । ଦୁର୍ନୀତି ଦୂର୍ କର୍‌ବାର୍ ସହେତେ ଫଟିକ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ଇ ନିଷ୍ପତି ନିଆଯାଇଥିବାର୍ ଜନାପଡ଼ିଛେ ।

ସେବା ପର୍ବ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଲା ୧୧ ବଛର୍ ଭିତ୍‌ରେ ସର୍‌କାର୍ ସାମାଜିକ୍, ଅର୍ଥନୈତିକ୍, ରାଜନୈତିକ୍ ଆଉ ଆଇନ୍‌ଗତ କ୍ଷେତ୍ରଥି ଦେଶର୍ ମହିଲାମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ବହୁତ୍‌ଟେ ନୀତିଗତ ଢାଂଚା ତିଆର୍ କରିଛନ୍ । କେନ୍ଦ୍ର ସର୍‌କାର୍ ଇହାଦେ ମହିଲାମାନ୍‌କର୍ ବିକାଶ୍ ଅପେକ୍ଷା ମହିଲାମାନ୍‌କର୍ ନେତୃତ୍ୱଥି ବିକାଶ୍ କେ ଅଏତ୍‌କା ଧ୍ୟାନ୍ ଦେଉଛନ୍ । ଗଲା ଡିସେମ୍ବର୍ ମାସେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିଆଣା ନ ବୀମା ସଖୀ ଯୋଜ୍‌ନା ଉଦ୍‌ଘାଟନ୍ କରିକରି କହିଛନ୍...

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ବେଟି ବଚାଓ ବେଟି ପଢ଼ାଓ ବାଗିର୍ ଯୋଜ୍‌ନାର୍ ବଳେ ୨୦୧୪-୧୫ ନୁ ୨୦୨୩-୨୪ ଭିତ୍‌ରେ ଦେଶେ ପୁରୁଷ- ନାରୀ ଅନୁପାତ୍ ୯ ଶହ ୧୮ ନୁ ୯ ଶହ ୩୦କେ ବଢ଼ିଛେ ।

ଶିଶୁ ମହୋତ୍ସବ୍- ମହକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ ସୁବର୍ଣ୍ଣପୁର୍

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍- ମହକ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନେ ଯୋଗ୍ ଦେଇକରି ପ୍ରତିଭା ପ୍ରଦର୍ଶନ୍ କରିଥିଲେ । ଶେଷେ କୃତି ପ୍ରତିଯୋଗୀ ମାନ୍‌କୁ ପୁରସ୍କୃତ କରାଯାଇଥିଲା ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ଭିଲ୍ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍- ମହକ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍ ଜରିଏ ଛାତ୍ରଛାତ୍ରୀମାନ୍‌କର୍ ଅନ୍ତର୍ନିହିତ କଳା ସାମ୍ନାକେ ଅନାଯାଇପାରୁଛେ ବଲି କହିଛନ୍ ।

ଜାତୀୟ ସେବା ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ମହିଳା କଲେଜ୍‌ର ଜାତୀୟ ସେବା ଯୋଜ୍‌ନା ତର୍‌ଫୁ ଜୁନାନୀ ଗାଁ ନ ସ୍ୱତନ୍ତ୍ର ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । କଲେଜ୍ ଅଧ୍ୟକ୍ଷତା ଲିଜା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଛାତ୍ର ଜୀବନ୍‌ନୁ ହିଁ ସେବାଥି ନିୟୋଜିତ୍ ରହିକରି ନେତୃତ୍ୱ ନେବାର୍ କୌଶଲ୍ ଶିଖ୍‌ବାର୍‌କେ ଛାତ୍ରୀମାନ୍‌କୁ ପରାମର୍ଶ ଦେଇଛନ୍ । ଶିବିର୍ ୨୪ ତାରିଖ୍‌ତକ୍ ଚାଲ୍‌ବା । ଇ ଅବ୍‌ସରେ ମାହାଲିଆ ସ୍ୱାସ୍ଥ୍ୟ ଯାଂଚ୍ ସାଙ୍ଗେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ହେବା ।

ଓସିଏସ୍ ପ୍ରିଲିମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକ୍‌ସେବା ଆୟୋଗ୍- ଓପିଏସ୍‌ସି ତର୍‌ଫୁ ଅକ୍ଟୋବର୍ ୧୨ ତାରିଖ୍ ଦିନ ଓଡ଼ିଶା ସିଭିଲ୍ ସର୍ଭିସ୍‌ର ପ୍ରାଥମିକ୍ ପରୀକ୍ଷା ହେବା । ସମ୍ବଲ୍‌ପୁର୍ ସହେତେ ରାଜ୍ୟର୍ ୬ ଟା ଜୋନ୍‌ର ଭିନ୍ ଭିନ୍ କେନ୍ଦ୍ର ନ ଇ ପରୀକ୍ଷା ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ, ଦୁଇଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ସମୁଦ୍ରଖଁଡ଼ି ଇଲାକା ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ଆଉ ବିଜ୍‌ଲି ମାରିପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।